# ତିଳୋତ୍ତମା
# TILOTTAMĀ

## ମାତୃତତ୍ତ୍ୱ ଆଧାରିତ ପୁସ୍ତକ

*(A Book based on The Concept of Mother)*




*Editor : Dr. Gagan Chandra Dey*

ତିଳୋତ୍ତମା ସ୍ମୃତି ପରିଷଦ
ଚିରକୁଲା, କମର୍ଦ୍ଦା, ବାଲେଶ୍ୱର, ଓଡ଼ିଶା

**Tilottamā Smruti Parisad**
**Chirakulā, Kamardā, Bālāsore, Odishā**

| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| **ମାତୃମମତା ଓ କର୍ତ୍ତବ୍ୟ** | | |
| ✡ ମା ଓ ତାର ମମତା | ଶ୍ରୀ ଦେବୀପ୍ରସାଦ ପରିଡ଼ା | ୧୫୭ |
| ✡ ମାଆ ପରି କିଏ ହେବ ? | ଡଃ ବସନ୍ତ କୁମାର ମିଶ୍ର | ୧୫୮ |
| ✡ ମାଆଙ୍କ ପ୍ରତି କର୍ତ୍ତବ୍ୟ | ପଣ୍ଡିତ କୈଳାସ ଚନ୍ଦ୍ର ଜେନା | ୧୬୦ |
| **ଗଳ୍ପ ଓ ସ୍ମୃତି ଅନୁଭୂତି** | | |
| ✡ ମାଆର ମାୟା | ଗାଳ୍ପିକ ଅକ୍ଷୟ ଓଝା | ୧୬୧ |
| ✡ ବନ୍ଦ ଘରର ଝର୍କା | ଡଃ ଗଙ୍ଗାଧର ସାମନ୍ତରାୟ | ୧୬୩ |
| ✡ ବୋଉର ବାଇଗଣ ପୋଡ଼ା | ଗାଳ୍ପିକ ଲଳିତ ମୋହନ ମିଶ୍ର | ୧୬୮ |
| ✡ ମା'ର ବିକଳ୍ପ ମା' | ଡଃ ଜଗମୋହନ ଆଚାର୍ଯ୍ୟ | ୧୭୦ |
| ✡ ମାଆ | ଡଃ ପୀତାମ୍ବର ମିଶ୍ର | ୧୭୨ |
| ✡ ଏକ ଅଭୁଲା ସ୍ମୃତି | ସ୍ୱାଗତିକା ପାଢ଼ୀ | ୧୭୬ |
| ✡ ମାଆ | ଡା. ସମରେନ୍ଦ୍ର ଦେ | ୧୭୮ |
| ✡ ମାଆ ହେବତ ଏମିତି (ସଂଗୃହୀତ) | ପଣ୍ଡିତ ରୋହିତ କୁମାର ଦାଶ | ୧୭୯ |
| **କବିତା ବିଭାଗ** | | |
| **(କ) ମାତୃବନ୍ଦନା** | | |
| ✡ ମାଆ ତୁମ ପଦେ ଅରପୁଛି ନମସ୍କାର | ବାଣୀରତ୍ନ ପଣ୍ଡିତ ଗଦାଧର ଦାଶ | ୧୮୪ |
| ✡ ମାଆ | ଡଃ ସୁରେନ୍ଦ୍ର କୁମାର ବେହେରା | ୧୮୪ |
| ✡ ମାଆ | ପଣ୍ଡିତ ହେମନ୍ତ କୁମାର ଦାସ | ୧୮୬ |
| ✡ ମାଆ ର ପଣତ, ସ୍ମୃତିର ଆକାଶ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ | ୧୮୭ |
| ✡ ମାଆ | ଶ୍ରୀ ଭୀମ ଚରଣ ବେହେରା | ୧୮୭ |
| ✡ ତୋ ପାଦ ତଳେ କୋଟି ଜୁହାର ଲୋ ମାଆ ମୋର | ଶ୍ରୀ ପ୍ରଦୀପ୍ତ କୁମାର ଦାସ | ୧୮୮ |
| ✡ ବୋଉ | ଶ୍ରୀ ସନାତନ ମହାକୁଡ଼ | ୧୮୯ |
| ✡ ମା' | ଶ୍ରୀମତୀ ଅଞ୍ଜଳି ଶତପଥୀ | ୧୯୦ |
| ✡ ନାଆଁଟି ତା'ର ମାଆ | ଡଃ ମନ୍ଦାକିନୀ ସାହୁ | ୧୯୧ |
| ✡ ମାଆ | କୁମାରୀ ସୁପ୍ରିୟା ସାହୁ | ୧୯୨ |
| ✡ ମା | ଶ୍ରୀମତୀ ମୈତ୍ରେୟୀ କମିଲା | ୧୯୨ |
| ✡ ମୋ ମାଆ | ଶ୍ରୀ ସୁନିଲ କୁମାର ଦାସ | ୧୯୩ |
| ✡ ମାଆ | ଶ୍ରୀ ହିମାଂଶୁ ଶେଖର ଦେ | ୧୯୪ |
| ✡ ସେଇ ମା' ମୋର | କୁମାରୀ ତୃପ୍ତିମୟୀ ପାତ୍ର | ୧୯୪ |
| ✡ ମା | କିରଣବାଳା ନାୟକ | ୧୯୫ |



# ମା'ର ବିକଳ୍ପ ମା'


ଡଃ ଜଗମୋହନ ଆଚାର୍ଯ୍ୟ

ଅଧ୍ୟାପକ, ଖଡ଼୍‌ଗପୁର ମହାବିଦ୍ୟାଳୟ ଏବଂ
ସଚିବ, ଲୋକଭାଷା ପ୍ରଚାର ସମିତି (ପଶ୍ଚିମବଙ୍ଗ ଶାଖା)


ଉତ୍ତର ଆଧୁନିକ ଯୁଗରେ, ଆଜି, ଆମ୍ଭେମାନେ ଆଉ କ'ଣ ଭଲ ହୋଇପାରେ ? ଏହି ବିଷୟରେ ଚିନ୍ତାଶୀଳ । ଚିନ୍ତାକରିବାଟା ଅଯୌକ୍ତିକ ନୁହଁ । କିନ୍ତୁ କେଉଁ ବିଷୟକୁ ନେଇ ଏହାର ପ୍ରୟୋଗ କରିବାକୁ ଆମ୍ଭେ ପ୍ରୟୋଗଶାଳା ତିଆରି କରନ୍ତି, ତାହା ଚିନ୍ତନୀୟ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆଧାରରେ ନିର୍ଜୀବକୁ ସଜୀବାୟନ କରିବାର ପ୍ରକ୍ରିୟା ନିତ୍ୟ ନିରନ୍ତର ପ୍ରବାହମାନ ଆଜିର ଦିନରେ । ବିଜ୍ଞାନ କିନ୍ତୁ ଜ୍ଞାନକୁ ସଂଗରେ ନେଇ ଯଦି ଗତିକରେ ତାହା ଅଧିକ ପ୍ରାସଂଗିକ ହୋଇପାରେ । ଗୀତା ତା'ର ଉକ୍ତିରେ କୁହନ୍ତି, ଜ୍ଞାନଂ ବିଜ୍ଞାନ ସହିତମ୍ । ଜ୍ଞାନ ଓ ବିଜ୍ଞାନ ପରସ୍ପର ପରିପୂରକ ହୋଇ ରହିଲେ ଅକଳ୍ପନୀୟ ବିଷୟ ସମାଜରେ ଘଟନ୍ତା ନାହିଁ । ଆମର ତୃତୀୟ ପୁରୁଷ କ'ଣ ଚିନ୍ତାକରୁଛି ତାହା ଯଦି ପ୍ରଥମ ପୁରୁଷର ଜ୍ଞାନର ଅଗୋଚର ହୁଏ ତେବେ ବ୍ୟବଧାରନର ସୂତ୍ର ଆରମ୍ଭ । ଦୋଷ କାହାର ? ତୃତୀୟ ପୁରୁଷର ନା ପ୍ରଥମର । ପ୍ରୟୋଗଶାଳାରେ ପ୍ରୟୋଗ ଏବେବି ଚାଲିଛି କିନ୍ତୁ ମନେହୁଏ ଏହା ଅପ୍ରତ୍ୟାଶିତ ଜ୍ଞାନ ବୃଦ୍ଧିର କାରଣ ହୋଇପାରେ ।

ଆଜି ଆମ୍ଭେମାନେ ଏତେ ଜ୍ଞାନର ରହସ୍ୟକୁ ବୁଝିବାରେ ସକ୍ଷମ ଯେ ତା'ର ପ୍ରଥମ ପ୍ରୟୋଗ ନିଜ ଘରୁ ଆରମ୍ଭ କରିବାକୁ ପସନ୍ଦ କରୁ । ଏଇ ଯେ ଉପନିଷଦର ବାକ୍ୟ, ସତ୍ୟଂ ବଦ ଧର୍ମଂ ଚର ପିତୃଦେବ ଭବ' ମାତୃଦେବ ଭବ... । ଏହାରି ଉପରେ ପାରିବାରିକ ଗବେଷଣା ନିତ୍ୟ ନିରନ୍ତର ଚାଲୁଅଛି । ଗୋଟିଏ ଅପୂର୍ବ ଶବ୍ଦ ମା' ଯା'ର ବିକଳ୍ପ ଥାଇପାରେ, ଏହା ଚିନ୍ତାକରିବା ଅଶୋଭନୀୟ ଓ ନିନ୍ଦନୀୟ । ସେଥିପାଇଁ ଶଂକରାଚାର୍ଯ୍ୟ ଗାନକଲେ, କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି । ମାତାର କୁ' ଉପସର୍ଗ ଅସମ୍ଭବ ତାହା ସୃଷ୍ଟିର ଆଦିରୁ ସର୍ବଜନ ଗୋଚର । ଯଦ୍ୟପି ସେହି କୁ' କୁ ପ୍ରୟୋଗଶାଳାରେ ପ୍ରୟୋଗ କରିବାକୁ ଆଜି ଅନେକ ଭଲପାଇଥାନ୍ତି ତଥାପି କିନ୍ତୁ ସତ୍ୟ ସର୍ବଦା ସତ୍ୟ । ନିଜର ପେଟର ଖାଦ୍ୟ, ତା'ର ସନ୍ତାନର ପେଟକୁ ଭର୍ତ୍ତିକରିବାକୁ ସେହି ବାତ୍ସଲ୍ୟଦାୟିନୀ ମା' ଅପେକ୍ଷା କରିଥାଏ । ଏହି ତତ୍ତ୍ୱର ଗବେଷଣା କୌଣସି ବିଜ୍ଞାନ ପ୍ରକୋଷ୍ଠରେ କରିବା ଅସମ୍ଭବ । ସୃଷ୍ଟି ପ୍ରଳୟ ହୋଇପାରେ କିନ୍ତୁ ପରୀକ୍ଷାର ଫଳ ବାହାରିବା ସମ୍ଭବ ନୁହଁ ।

ମାୟାର ପ୍ରଭାବରୁ ହେଉ, ଅଥବା ନିଜକୁ ପ୍ରତିଷ୍ଠିତ କରାଇବାର ସ୍ୱପ୍ନକୁ ସାକାର କରିବାର ଆଶାର କାରଣରୁ ହେଉ ଅନେକ (ନିଶ୍ଚିତଭାବେ ସମସ୍ତେ ନୁହଁନ୍ତି) ମା' କୁ ତାଙ୍କର ମାର୍ଗର କଣ୍ଟା ମନେକରନ୍ତି । ଏ ପ୍ରସଂଗରେ ଗୋଟିଏ ଗଳ୍ପ ମନେପଡ଼େ, ମା'ର କଟାମୁଣ୍ଡ କହୁଛି ତୋର କିଛି ହୋଇନାହିଁତ ପୁତ୍ର । ଆହା କି ବାତ୍ସଲ୍ୟ । କି ଆନନ୍ଦ । ବିଦ୍ୟାଳୟର ଅନୁଭୂତି ଏହାଠାରୁ ବଡ଼ ହୋଇପାରେ କି ? ଯେଉଁ ମାୟାକୁ ପାଇବା ପାଇଁ ପୁତ୍ରଟି ମାୟାର ଗୋଟିଏ ପଦ କଥାରେ ମା'ର ମସ୍ତକ ଛେଦକରିବା ପୂର୍ବରୁ ଟିକିଏ ଭାବିଲା ନାହିଁ, ସେହି ମାୟା କିନ୍ତୁ ସମୟକ୍ରମେ ଏହି ନିଷ୍ପାପର ବ୍ୟକ୍ତିର ନିକଟରେ ରହେନାହିଁ । ଏ ମାୟା, ଜାୟା ନୁହେଁ ।

ମା' ଯେତେବେଳେ ଜେଜେ ମା' ହୁଏ, ସେତେବେଳେ ତା'ର ଆନନ୍ଦ, ନାତିର ପିତାମାତାଙ୍କ ଠାରୁ ଅନେକ । ପିତା ମାତା ଚିନ୍ତାକରନ୍ତି କ'ଣ କରାଯାଇପାରେ ? କିପରି ନିଜ କର୍ମ କ୍ଷେତ୍ରକୁ ଯିବେ ?



*Published By :*

**AUM BOOKS**
Dolamandapa Sahi, Puri,
ODISHA 752001, (06752 232323)
info@aumbooks.in
**www.aumbooks.in**

9 789391 510930